## ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

କଣିହାଁ,(ଡି.ଏନ.ଏ.)-କଣିହାଁ ବ୍ଲକ ବଡ଼ହୀରା ଗ୍ରାମରେ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠାକୁ ନେଇ ଗୁରୁବାର ୨୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଶ୍ୱକଲ୍ୟାଣ ପାଇଁ ଶାନ୍ତି ହୋମ ଓ କର୍ମ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଡ. ମହେଶ୍ୱର ପ୍ରଧାନ, ଡିଲେଶ୍ୱର ସାହୁ, ସୁଶାନ୍ତ ସାହୁ, ଟୁନା ପ୍ରଧାନ, ରାଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଶ୍ରମିକ ମୃତ

ଅନୁଗୋଳ ଅଫିସ, ୧୯।୧୧:ଅନୁଗୋଳ ଜିଲା ଜରପଡ଼ା ଠାରେ ରେଲୱେର ଟାୱାର କାମ ବେଳେ ଶୁକ୍ରବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏଥିରେ ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଞ୍ଚଳର ଲକ୍ଷ୍ମଣ ତିଆରିଙ୍କ ପୁଅ ଗୁରୁଚରଣ ତିଆରି(୨୬)ଙ୍କ ମୃତ୍ୟୁ ହୋଇଛି। ଗୁରୁତର ଗୁରୁଚରଣଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁଚରଣ ସାଥୀ ଶ୍ରମିକଙ୍କ ସହ ଟାୱାର କାର୍ଯ୍ୟ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ।

### ରାଜପଥ ମରାମତି ପାଇଁ ୫.୭୮ କୋଟି ମଞ୍ଜୁର

ଅନୁଗୋଳ ଅଫିସ, ୧୯।୧୧- ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ରନ୍ତଲେଇ ଠାରୁ ବଅଁରପାଳ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରାଯିବ। ରନ୍ତଲେଇ ଠାରୁ ଖମାର, ନୂଆହତା ଦେଇ ଯାଇଥିବା ବାଇପାସ୍ ବଅଁରପାଳକୁ ସଂଯୋଗ କରୁଛି। ଏନ୍ଏଚ୍ଏଆଇ ଏହି ରାସ୍ତାର ସମ୍ପୂର୍ଣ୍ଣ ମରାମତି ପାଇଁ ଚିଠି ନଂ ୧୯୭୬/୧୭।୧୧।୨୦୨୧ରେ ୫ କୋଟି ୭୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଖୁବ୍‌ଶୀଘ୍ର ଏନ୍ଏଚ୍ଏଆଇ ପକ୍ଷରୁ ଏହି ରାସ୍ତାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

### ରାମଚରିତ ମାନସ ପାରାୟଣ

ଆଠମଲ୍ଲିକ,୧୯।୧୧(ଡି.ଏନ.ଏ.)- ଆଠମଲ୍ଲିକ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଗତ ୧୦ ତାରିଖଠାରୁ ଚାଲିଥିବା ରାମଚରିତ ମାନସ ନବାହ୍ନ ପାରାୟଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଅଭୟ ନୃସିଂହ ମିଶ୍ର ୯ ଦିନ ଧରି ପାରାୟଣ ପାଠ କରିଥିଲେ। ଯଜ୍ଞରେ ପୂର୍ଣ୍ଣାହୁତି ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ପ୍ରଦୀପ ଦାଶ ଓ ବିଜୟଲକ୍ଷ୍ମୀ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ରାଧାମୋହନ ତ୍ରିପାଠୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିରଞ୍ଚି ଦେହୁରୀ, ତୁଳସୀ ଅଗ୍ରୱାଲା, ଅମିୟ ଦାଶ ପ୍ରମୁଖ ସହଯୋଗ କରିଥିଲେ।

### କାର୍ତ୍ତିକ ଚତୁର୍ଦ୍ଦଶୀ ଉଦ୍‌ଯାପିତ



ବଅଁରପାଳ,୧୯।୧୧(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ ମହିମା ଟୁଙ୍ଗିରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ସହ ଚତୁର୍ଦ୍ଦଶୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହିମା ଟୁଙ୍ଗିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରାହ୍ମ ମୁହୂର୍ତ୍ତରେ ଅଲେଖ ଶୂନ୍ୟଙ୍କୁ ଅମୋଣିହାଁ ଅର୍ପଣ କରାଯାଇଥିଲା। ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ନିମନ୍ତେ ଅଲେଖ ଡାକ ଦିଆଯାଇଥିଲା। ଉପସ୍ଥିତ ସାଧୁ ଓ ଭକ୍ତ ଶରଣ ଦର୍ଶନ କରିଥିଲେ। ଭୂତେଶ ଚନ୍ଦ୍ର ଜେନା, ପ୍ରେମାନନ୍ଦ ସେଠ, ପରେଶ ଚନ୍ଦ୍ର ଜେନା, ରାଜେଶ ଜେନା, କରୁଣାକର ସେଠ, କାର୍ତ୍ତିକ ସେଠ, ଗଙ୍ଗାଧର ସେଠ, ବୈରାଗୀ ସେଠ, ପ୍ରଣବ ଜେନା, ବିଭବ ଜେନା, ବୁବୁ ସେଠ, ରଞ୍ଜନ ସେଠ, ସୁଜିତ ସେଠ ପ୍ରମୁଖ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୯।୧୧(ଡି.ଏନ.ଏ.)- ହଣ୍ଡପା ଥାନା ବଡ଼ବାହାଲ ଗ୍ରାମରେ ପୋଲିସ ଗୁରୁବାର ରାତିରେ ଚଢ଼ାଉ କରି ଦୁର୍ଯ୍ୟୋଧନ ଦେହୁରୀଙ୍କ ଘରୁ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ଦୁର୍ଯ୍ୟୋଧନଙ୍କୁ ଗିରଫ କରିଛି। ପୋଲିସ କହିଛି, ଦୁର୍ଯ୍ୟୋଧନ ଘରେ ଚୋରାରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନଂ.୨୮୪/୨୧ରେ ଏକ ମାମଲା ରୁଜୁ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ତହସିଲଦାରଙ୍କ ଚଢ଼ାଉ,୩ ଟ୍ରାକ୍ଟର ଜବତ

ଛେଣ୍ଡିପଦା,୧୯।୧୧(ସ୍ୱ.ପ୍ର)-ଛେଣ୍ଡିପଦା ତହସିଲ ହାଣ୍ଡିଗୁଡା ଗ୍ରାମ ନିକଟରେ ତହସିଲଦାର ଡାନିଏଲ ଏକ୍କା ଶୁକ୍ରବାର ଚଢ଼ାଉ କରି ୩ ଚୋରା ମୋରମ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଛେଣ୍ଡିପଦା ତହସିଲ ହାଣ୍ଡିଗୋଡା ଗ୍ରାମର ଏକ ମୋରମ ଖଣିରୁ ବେଆଇନ ଭାବେ ମୋରମଚାଲାଣ ହେଉଥିବା ଖବରପାଇ ତହସିଲଦାର ଚଢ଼ାଉ କରି ଉକ୍ତ ଟ୍ରାକ୍ଟରଗୁଡ଼ିକୁ ଜବତ କରିଥିଲେ। ଏଥିସହ ଟ୍ରାକ୍ଟର ଗୁଡିକରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ, ଢେଙ୍କାନାଳ ଗସ୍ତ ଆଜି

ଅନୁଗୋଳ/ ଢେଙ୍କାନାଳ ଅଫିସ, ୧୯।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅନୁଗୋଳ ଓ ଢେଙ୍କାନାଳ ଜିଲା ଗସ୍ତରେ ଆସିବେ। ଉଭୟ ଜିଲାରେ ଅନୁଷ୍ଠିତ ସଭାରେ ଯୋଗ ଦେବା ସହ ବିଭିନ୍ନ ଉନ୍ନୟନ ଯୋଜନାର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି। ଏଥିପାଇଁ ଅନୁଗୋଳ ଓ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ୩୦ ମିନିଟ୍ ରହିବେ। ଏଠାରେ ସୁରକ୍ଷା ବ୍ୟବସ୍ଥା କିପରି ରହିବ ସେ ନେଇ ଏସ୍‌ପି ଜଗମୋହନ ମୀନାଙ୍କ ନେତୃତ୍ୱରେ ଶୁକ୍ରବାର ମକ୍‌ଡ୍ରିଲ୍ କରାଯାଇଛି। ୩ ଜଣ ଅତିରିକ୍ତ ଏସ୍‌ପି ର୍ୟାଙ୍କର ଅଧିକାରୀଙ୍କ ସହ ୭ ଜଣ ଡିଏସ୍‌ପି, ୨୨ ଜଣ ଇନ୍ସପେକ୍ଟର, ୩୧ ସବ୍‌ଇନ୍ସପେକ୍ଟର, ୫୭ ଏଏସ୍ଆଇଙ୍କ ସହ ୨୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବାକୁ ପ୍ରସ୍ତୁତ ହେଉଥିବା ଭାଜପା ଓ କଂଗ୍ରେସ ନେତା, କର୍ମୀମାନଙ୍କ ଉପରେ ନଜର ରଖାଯାଇଛି। ଟ୍ରାଫିକ ବ୍ୟବସ୍ଥା ଅନୁଯାୟୀ, କଟକ ପଟୁ ଆସୁଥିବା ଭାରିଯାନ ରାଜ୍ ହୋଟେଲ ଛକ



ଢେଙ୍କାନାଳରେ ସୁରକ୍ଷା ବ୍ୟବସ୍ଥାକୁ ଏସ୍‌ପି ଅନୁଧ୍ୟାନ କରୁଛନ୍ତି।

### ଦୁଇ ଜିଲାରେ ସୁରକ୍ଷା କଡ଼ାକଡ଼ି

ଠାରୁ ଶିମଳିପଡ଼ା, ହେମସୁରପଡ଼ା ଦେଇ ଦୁଲୁଗିସିଂହା ଛକରେ ପହଞ୍ଚିବ। ସେହିପରି ସମ୍ବଲପୁର ପଟୁ ଆସୁଥିବା ଭାରିଯାନ ହୁଲୁରିସିଂହା ଛକରୁ ମିଶ୍ରପଡ଼ା ଛକ ଦେଇ ରାଜ୍ ହୋଟେଲ୍ କଡରେ ପହଞ୍ଚିବ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି। ଅନୁଗୋଳରେ କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଗସ୍ତରେ ଯିବେ। ମୁଖ୍ୟ ଷ୍ଟାଡିୟମରେ ହେଲିକପ୍ଟର ଅବତରଣ କରିବା ପରେ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ୧୨ଟା ୪୫ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ହେବ। ଏହି ଗସ୍ତକୁ ନଜରରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି କେ. ଶିବ ସୁବ୍ରମଣିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୯ ଇନ୍ସପେକ୍ଟର, ୬୨ ଏସ୍ଆଇ ଏବଂ ଏଏସ୍ଆଇ, ୧୩ ଟ୍ରାଫିକ୍ ହାବିଲଦାର ଏବଂ ୧୩ ପ୍ଲାଟୁନ ଓଏସ୍ଏପି ଫୋର୍ସ ମୁତୟନ ହୋଇଛନ୍ତି। ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ଓ ଗଣେଶ ବଜାରରେ ବ୍ୟାରିକେଡ୍ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ-ଜିଲା କାର୍ଯ୍ୟାଳୟ-ଗଣେଶ ବଜାର ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିବ। ଶୁକ୍ରବାର ମଧ୍ୟାହ୍ନରେ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣୀ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ଚୂଡ଼ାନ୍ତ ପ୍ରସ୍ତୁତ ଅନୁଧ୍ୟାନ କରିଛନ୍ତି।

# ଶୋଭାଯାତ୍ରାରେ ଆସିଲେ ଲୋଭୀ ଠାକୁରାଣୀ

ବଅଁରପାଳ,୧୯।୧୧(ଡି.ଏନ.ଏ.)

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା’ ଲୋଭୀଙ୍କ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ନିରାଡ଼ମ୍ବରରେ ଆରମ୍ଭ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ଏହା ୩ ଦିନ ଧରି ପାଳନ କରାଯିବ। ପରମ୍ପରା ଅନୁଯାୟୀ ସକାଳେ ତୁଳସୀପାଳସ୍ଥିତ ଦିଅଁଘରୁ ମା’ଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଦେବୀଙ୍କ ବଡ଼ପୂଜା ସହ ମାଜଣା ନୀତି ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶ୍ରଦ୍ଧାଳୁମାନେ ଦେବୀଙ୍କ ଦର୍ଶନ କରିଥିଲେ। ବହୁ ଭକ୍ତ ଅଧିଆ ପଡିବା ସହ ଶିଶୁମାନଙ୍କ ମୁଣ୍ଡନ କରାଇଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗୃହ ନିର୍ମାଣ ଉନ୍ନୟନ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବ୍ଲକ ବିଜେଡି ସଭାପତି ବିଜୟ ନାଥ, ଯୁବନେତା ଅରୁନାଭ ସିଂହ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝି, ବିଜେଡି ନେତା ପତିତପାବନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ ମାଝି, ସମ୍ପାଦକ ଭଜମନ ମହାନ୍ତି, ସରପଞ୍ଚ ନର୍ମଦା ମାଝି, ଲୋକନାଥ ସାହୁ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସନ୍ତୋଷ ସାହୁ, ଲୋକନାଥ ମାଝି, ପ୍ରଶାନ୍ତ ମାଝି ପ୍ରମୁଖଙ୍କ ସମେତ ତୁଳସୀପାଳ ଓ ଗଡସନ୍ତ୍ରୀ ଗ୍ରାମବାସୀ ସହଯୋଗ କରିଥିଲେ।



ମା’ ଲୋଭୀଙ୍କ ଆଲମକୁ ଶୋଭାଯାତ୍ରାରେ ପୀଠସ୍ଥଳୀକୁ ଅଣାଯାଉଛି।

# ସମସ୍ତ ଟ୍ରେନ୍ ରହଣି ପାଇଁ ଦାବିପତ୍ର

ବଇଣ୍ଡା,୧୯।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରେଳଷ୍ଟେଶନ ଦେଇ ଯାତାୟାତ କରୁଥିବା ୧୧ଟି ଯାତ୍ରୀବାହୀ ଟ୍ରେନ୍ ମଧ୍ୟରୁ ମାତ୍ର ୩ଟି ଏଠାରେ ରହଣି କରୁଛି। ଫଳରେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ରେଳଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ବରିଷ୍ଠ ନାଗରିକ ଭଗବାନ ଘିୱାଲାଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ସୁଶୀଲ ବିଶ୍ୱାଳ, ଅରବିନ୍ଦ ସାହୁ, ବାପୀ ବେହେରା, ପରିକ୍ଷିତ ସାହୁ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେଶନ ମାଷ୍ଟର ଉମେଶ ଚନ୍ଦ୍ର ମଲିକଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଏହି ଷ୍ଟେଶନ ଉପରେ ଆଠମଲ୍ଲିକ, କିଶୋରନଗର, ଛେଣ୍ଡିପଦା ବ୍ଲକର ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଯାତ୍ରୀମାନେ ନିର୍ଭରଶୀଳ। ବର୍ତ୍ତମାନ ଚଳାଚଳ କରୁଥିବା ୧୧ଟି ଏକ୍ସପ୍ରେସ ମଧ୍ୟରୁ ମାତ୍ର ୩ ଟି ଏକ୍ସପ୍ରେସ୍ ଷ୍ଟେଶନରେ ଅଟକୁଛି। ଉପଖଣ୍ଡର ବହୁ ଯୁବକ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବାରୁ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ଏ ନେଇ ବହୁବାର ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ବଇଣ୍ଡା,୧୯।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ ବାଘମାରି ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ପକ୍ଷରୁ ୬ ଲକ୍ଷ ୮ ହଜାର ଟଙ୍କା ବ୍ୟୟରେ ସୌରଚାଳିତ ପାନୀୟ ଜଳପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ଅଧ୍ୟକ୍ଷ ନନ୍ଦକିଶୋର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସରପଞ୍ଚ ତିଳୋତ୍ତମା ନାୟକ, ଗ୍ରାମ ସଭାପତି ସୁମନ୍ତ ବେହେରା, ସାମାଜିକ କର୍ମୀ ରଣଜିତ୍ ପଟ୍ଟନାୟକ, ବିଶ୍ୱଯୁବ କେନ୍ଦ୍ର ଉପାଧ୍ୟକ୍ଷା ନମିତା ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁନ୍ଦ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ଉଗ୍ରସେନ ସେଠୀ, ଅର୍ଜୁନ ସାହୁ, ଲୁହାମୁଣ୍ଡା ଗ୍ରାମ ସଭାପତି କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର ପରିଚାଳନା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଉକ୍ତ ଗ୍ରାମର ୪୫ ଆଦିବାସୀ ପରିବାର ଉପକୃତ ହେବେ। ରଞ୍ଜିତା ଧଳ, ଅଭିଷେକ ମହାପାତ୍ର, କମଳ ସାହୁ, ଅଭୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ

ପରଜଙ୍ଗ, ୧୯।୧୧(ଡି.ଏନ.ଏ.)

ପରଜଙ୍ଗ ପଞ୍ଚାୟତ ଜହ୍ନାପଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଗ୍ରାମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ ନିରାଡମ୍ବରରେ ପାଳିତ ହୋଇଯାଇଛି। ଯଜ୍ଞକାର୍ଯ୍ୟ, ପୂଜାର୍ଚ୍ଚନା ଯଥାବିଧି କରାଯାଇଥିବା ନାମ ସଂକୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ ପୂଜା ପାଉଥିବା ପାଞ୍ଚ ଦେବୀଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଇଥିଲା। ଗ୍ରାମ ସଭାପତି ଇନ୍ଦ୍ରମଣି ନାୟକଙ୍କ ନେତୃତ୍ୱରେ ମୁଖ୍ୟପୂଜକ ଆରୁପାନନ୍ଦ ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ବଳରାମ ଦେହୁରୀ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତ ଶୟନ, କୁଆଳୋ ଅଷ୍ଟଶମ୍ଭୁ ମନ୍ଦିର, ବାଞ୍ଛେଶ୍ୱର ମନ୍ଦିର, ମାଣିକମରା, ପଥରଗଡ଼ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା।

# ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

ପରଜଙ୍ଗ/କାମାକ୍ଷାନଗର, ୧୯।୧୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ବାଲିପଶି ଗ୍ରାମରେ ପଞ୍ଚକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମା’ ମଙ୍ଗଳା ମନ୍ଦିରରେ ୫ଦିନିଆ ଯଜ୍ଞ ଆୟୋଜିତ ହୋଇଥିଲା। ଗ୍ରାମ ସଭାପତି ପ୍ରଦୀପ ସାହୁ, ସନ୍ତୋଷ ସାହୁ, ବ୍ରଜବନ୍ଧୁ ବାରିକ, ବଟକୃଷ୍ଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସେହିପରି କଙ୍କଡ଼ାହାଡ଼ ବ୍ଲକ ଦଶିପୁର ଶିବମନ୍ଦିରରେ ଚାଲିଥିବା ୫ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜନ, ଅଭିଷେକ, ଆହୁତି, ପୂର୍ଣ୍ଣାହୁତି ଯଥାନୀତି ଆୟୋଜନ କରାଯାଇଥିଲା। ପଣ୍ଡିତ ଯଜ୍ଞେଶ୍ୱର ମିଶ୍ର, ପଣ୍ଡିତ ଶ୍ରୀବତ୍ସବ ମିଶ୍ର, ଶୁଭେନ୍ଦୁ ଦାସ ପୁରୋଧା ଦାୟିତ୍ୱ ତୁଲାଇଥିବାବେଳେ ଚିତ୍ତରଞ୍ଜନ ଦାସ, ପୁଷ୍ପାଞ୍ଜଳି ଦାସ କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ଶେଷ ଦିନରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ପରଜଙ୍ଗ ମା’ ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

# ଢେଙ୍କାନାଳ ସୁରକ୍ଷା ସମିତିର ୫ ଅଟକ

ଢେଙ୍କାନାଳ ଅଫିସ, ୧୯।୧୧

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ଶୁକ୍ରବାର ଟାଉନ ଥାନା ପୋଲିସ ଢେଙ୍କାନାଳ ସୁରକ୍ଷା ସମିତିର ୫ଜଣଙ୍କୁ ଅଟକ ରଖିଛି। ସୁରକ୍ଷା ସମିତିର ପ୍ରିୟବ୍ରତ ଗଡ଼ନାୟକ, ବିକାଶ ନାୟକ, ରାଜୀବ କର, ଉତ୍ତମ ମହାନ୍ତି, ସିଦ୍ଧାନ୍ତ ମିଶ୍ର ଏକ ଗାଡ଼ିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଜନସାଧାରଣଙ୍କ ସହାୟତା ଲୋଡୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ଉକ୍ତ ଗାଡ଼ିକୁ ଜବତ କରାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବା ପାଇଁ ସୁରକ୍ଷା ସମିତି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ସୁରକ୍ଷା ସମିତିର ୫ଜଣଙ୍କୁ ଅଟକ ରଖାଯାଇଥିବା ଟାଉନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଗୋଳ ସହରସ୍ଥିତ ନାରାୟଣ ସାଗରରେ ଯୁବତୀମାନେ ଡଙ୍ଗା ଭସାଣ କରୁଛନ୍ତି। (ଫଟୋ- ବୁବୁ)

# କଂଗ୍ରେସର ନୀରବ ପ୍ରତିବାଦକୁ ମିଳିଲାନି ଅନୁମତି

ଢେଙ୍କାନାଳ ଅଫିସ, ୧୯।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ମମିତା ମେହେର ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ପକ୍ଷରୁ ନୀରବ ପ୍ରତିବାଦ ପାଇଁ କରାଯାଇଥିବା ଆବେଦନକୁ ପୋଲିସ ଅନୁମତି ପ୍ରଦାନ କରିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସହରାଞ୍ଚଳରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନ ହେବା ଦର୍ଶାଇ ପୋଲିସ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିବା ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକ କହିଛନ୍ତି। ମମିତା ହତ୍ୟାକାଣ୍ଡକୁ ନେଇ ଜିଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ବହୁକର୍ମୀ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିତଳେ ନୀରବ ପ୍ରତିବାଦ କରିବା ଲାଗି ଟାଉନ ଥାନାରେ ଆବେଦନ କରିଥିଲେ। ଏଭଳି ସମ୍ବେଦନଶୀଳ ମାମଲାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ଏହାର ତ୍ୱରିତ ତଦନ୍ତ କରିବା ପାଇଁ ଦଳ ପକ୍ଷରୁ ଲିଖିତ ଦାବିପତ୍ର ଦିଆଯାଇଛି।

# ଭାଜପା ନେତାଙ୍କୁ ଉଠାଇନେଲା ପୋଲିସ

ଅନୁଗୋଳ ଅଫିସ, ୧୯।୧୧: ଅନୁଗୋଳ ଜିଲା ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି ବିରୋଧୀ କଂଗ୍ରେସ ଓ ଭାଜପା ନେତାମାନେ ସ୍ପଷ୍ଟ କରିଥିବାରୁ ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଛି। ଏପରି କି ଶୁକ୍ରବାର ଅପରାହ୍ନରେ ଉଭୟ ଦଳର କେତେଜଣ ନେତାଙ୍କୁ ପୋଲିସ ଉଠାଇ ନେଇ ଅଜ୍ଞାତସ୍ଥାନରେ ରଖିଥିବା ସୂଚନା ମିଳିଛି। ଜିଲା ବାହାରେ ଥିବା ଆଉ କେତେଜଣ ବିରୋଧୀ ନେତା ଅନୁଗୋଳରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଅଟକ ରଖାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Teachers (MATH., SCL, ENG., HINDI, SST). RDM Public School, Patia, Bhubaneswar.
Contact: 9337325035 9668484511

REQUIREMENT
Direct Joining
1. Security Guard
2. Customer Care
3. Front Office Exe.
CONTACT 7008100677, 9692911851

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

APPOINTMENT
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

APPOINTMENT
A Logistics firm at BBSR requires graduate/ undergraduate with computer/ Tally working knowledge. Send CV to
E Mail:-nimai.das91@gmail.com
9337789007 / 9437570000

Urgently Required
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
Contact-8448123162

DHARITRI Career appointment Every Wednesday and Saturday

CHENNAI FINANCIER WANTED
Finance Consultant
Mediator
DSA
with knowledge of English
salary upto 1lakh & Commission
CHENNAI 9092 692 403

# କୃଷି ଆଇନ ପ୍ରତ୍ୟାହାରକୁ ସ୍ୱାଗତ



ବୈଠକରେ ଯୋଗଦେଇଥିବା କୃଷକ ବିକାଶ ପରିଷଦର ସଦସ୍ୟମାନେ।

ଭୁବନ, ୧୯।୧୧(ଡି.ଏନ୍.ଏ.)

କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନକୁ ପ୍ରତ୍ୟାହାର କରାଯିବ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଭୁବନ କୃଷକ ବିକାଶ ପରିଷଦ ସ୍ୱାଗତ କରିଛି। ସ୍ଥାନୀୟ ପାଲା ମଣ୍ଡପରେ ପରିଷଦ ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରଥ ସେଠୀ ଯୋଗଦେଇ ଏହା ଚାଷୀ ଏକତାର ବିଜୟ ବୋଲି କହିଥିଲେ। ଉପସଭାପତି ବିଦ୍ୟାଧର ବିହାରୀ, ସହସମ୍ପାଦକ ବସନ୍ତ ରଣା, କୋଷାଧ୍ୟକ୍ଷ ପଣ୍ଡିତ ଗୁରୁ, ଉପଦେଷ୍ଟା ବ୍ରଜବନ୍ଧୁ ରାଉତ, ଦୁର୍ଗା ପ୍ରସାଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ୟୁସିଆଇର ବିଜୟ ଶୋଭାଯାତ୍ରା

ଅନୁଗୋଳ ଅଫିସ, ୧୯।୧୧-୩କୃଷି ଆଇନ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଥିବାରୁ ଅନୁଗୋଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଜୟ ଶୋଭାଯାତ୍ରା କରାଯାଇଛି। ଅପରାହ୍ନରେ ସଙ୍ଗଠନର କର୍ମକର୍ତ୍ତାମାନେ ଅନୁଗୋଳ ବଜାରରେ ଶୋଭାଯାତ୍ରା କରି ବିକ୍ଷୋଭକାରୀ ଚାଷୀ ଓ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ଭିକାରି ପ୍ରଧାନ, ବିଜୟାନନ୍ଦ ମଲ୍ଲିକ, ବ୍ରଜବନ୍ଧୁ ସାହୁ, କେଦାରନାଥ ସାହୁ, ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ମାନସ ପାଳ, ସତ୍ୟ ସାହୁ, ସରୋଜିନୀ ନାୟକ, କୈଳାସ ସାହୁ, ପରମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

